OFFICE OF THE TAHASILDAR
KUKUDAKHANDI (GM)

ଫର୍ମ –III
[ନିୟମ-୫(୪)

# ତହସିଲ୍ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡି, ଗଞ୍ଜାମ

ସରକାରୀ ଜମି ହସ୍ତାନ୍ତର ମାମଲା ସଂଖ୍ୟା-୦୧ / ୨୦୨୫

## ସର୍ବସାଧାରଣ ନୋଟିସ୍

ଏତଦ୍ୱାରା ମହଡ଼ା ଗ୍ରାମର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଦ୍ୱାରା ଗ୍ରାମ ବିକାଶ, ମହଡ଼ା ଙ୍କ ସପକ୍ଷରେ ଉଦ୍ୟାନ କୃଷି, ମଧୁମପାନ ଏବଂ କୃଷି ପ୍ରଦର୍ଶନ ଫାର୍ମ ପାଇଁ ବହୁ-ଶାସ୍ତ୍ରୀୟ ତାଲିମ କେନ୍ଦ୍ର ପ୍ରତିଷ୍ଠା ଏବଂ ପାନୀୟ ଜଳ ଗୁଣବତ୍ତା ଏବଂ ସମ୍ବଳ କେନ୍ଦ୍ର (ଲ୍ୟାବ ଏବଂ ତାଲିମ କେନ୍ଦ୍ର) ଚଲାଇବା ନିମନ୍ତେ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଲିଜ୍ ସୁତ୍ରେ ପଟ୍ଟା ପ୍ରଦାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହି ପ୍ରସ୍ତାବରେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି ଥାଏ ତେବେ ସେ ଏହି ବିଜ୍ଞପ୍ତି ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଅଭିଯୋଗ ଲିଖିତ ଆକାରରେ ଦାଖଲ କରିବେ । ଉକ୍ତ ଅଭିଯୋଗ ପତ୍ରରେ ଟ. ୨୦/-ଙ୍କାର କୋର୍ଟ ଫି ମୋହର ଲଗାଇଥିବା ଆବଶ୍ୟକ । ନିର୍ଦ୍ଧାରିତ ୧୫ ଦିନ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ ।

<u>ଜମିର ବିବରଣୀ</u>

| ମୌଜା | ଖାତା ନଂ | ପ୍ଲଟ ନଂ | ପୂର୍ଣ୍ଣ ରକବା | ପ୍ରସ୍ତାବିତ ରକବା | କିସମ |
|---|---|---|---|---|---|
| ମହଡ଼ା | ୬୬୨ (ଆବାଦ ଯୋଗ୍ୟ ଅନାବାଦୀ) | 1869 | 0.640 | 0.640 | ପତିତ |
| | | 1872 | 0.535 | 0.535 | ପତିତ |
| | | 1873 | 1.095 | 1.095 | ପତିତ |
| | | 1733 | 0.105 | 0.105 | ପତିତ |
| | | 1730 | 0.435 | 0.435 | ପତିତ |
| | | 1734 | 0.970 | 0.970 | ପତିତ |

ତହସିଲଦାର,
କୁକୁଡ଼ାଖଣ୍ଡି, ଗଞ୍ଜାମ

**ପରିପତ୍ର ନଂ** 17180 / **ତାରିଖ** 05/12/25

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ଲାଠିଙ୍କ ଦ୍ୱାରା ମୌଜା- ମହଡ଼ାର ପ୍ରକାଶ୍ୟ ସ୍ଥାନରେ ଡେଙ୍ଗୁରା / ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ମହଡ଼ାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ / ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।